# Akashvani, Sambalpur

## SAMBALPURI NEWS EVENING BULLETIN

## 31 October 2025- 7.02 pm- 7.12 pm.

*********************************************

୧- ବିକଶିତ୍ ଭାରତ୍‌ର ସପନ୍‌କେ ସାକାର୍ କର୍‌ବାର୍ ଲାଗି ଏକାସାଙ୍ଗେ କାମ୍ କର୍‌ବାର୍‌କେ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

- ବିବିଧତା ଭିତ୍‌ରେ ଏକତା ବାର୍ତା ନେଇକରି ଆଏଜ୍ ସାରାଦେଶେ ହେଇଛେ ଏକତା ଲାଗି ଗଣଦୌଡ଼ ।

- ଭୁବ୍‌ନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ନ ରାଜ୍ୟସ୍ତରୀୟ ଏକତା ଲାଗି ଗଣଦୌଡ଼ଥି ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ ।

୨- ଆଏବା କାଏଲ୍ ଓଡ଼ିଶା ଆସୁଛନ୍ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ।

- ରାଏଜେ ରେଲ୍ ଭିତିଭୂମିର୍ ବିକାଶ୍ ଲାଗି ରେଲ୍‌ମନ୍ତ୍ରଣାଳୟ ଆଉ ଓଡ଼ିଶା ସର୍‌କାର୍‌ଙ୍କର୍ ଭିତ୍‌ରେ ବୁଝାମଣା ପତ୍ର ହେବା ସ୍ୱାକ୍ଷରିତ୍ ।

ଆଉର୍

୩- ୨୦୨୫ ବଛର୍ ଲାଗି ୧ ହଜାର୍ ୪ ଶହ ୬୬ ଝନ୍ ପୁଲିସ୍ କର୍ମଚାରୀ ପାଏବେ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ୍ ।

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍ ଜୟନ୍ତୀ     ଏନ୍‌ଏସ୍‌ଡି

ବିକଶିତ ଭାରତ୍‌ର ସପନ୍‌କେ ସାକାର୍ କର୍‌ବାର୍ ଲାଗି ଏକାସାଙ୍ଗେ କାମ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ଗୁଜୁରାଟ୍‌ର କେଭେଡ଼ିଆ ଠାନେ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜନ୍ମ ବାର୍ଷିକୀ ପାଲନ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଭାରତ୍‌ର ସମୃଦ୍ଧ ଆଧ୍ୟାତ୍ମିକ୍ ଆଉ ସାଂସ୍କୃତିକ୍ ଐତିହ୍ୟ ଭିନ୍ ଭିନ୍ ଇଲାକା ଆଉ ଧର୍ମର୍ ଲୁକ୍‌କୁ ବାନ୍ଧି ରଖ୍‌ବାର୍ ଦିଗେ ଭାଷାର୍ ସବୁନୁ ବଡ଼୍ ମହତ୍ୱ ରହିଛେ । ସବୁ ଭାରତୀୟ ଭାଷା ଏକତାର୍ ପ୍ରତୀକ ଆନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଷ୍ଟେଚ୍ୟୁ ଅଫ୍ ୟୁନିଟି ନ ଫୁଲ୍‌ମାଲା ଅର୍ପଣ୍ କରିକରି ଏକତା ଦିବସ୍ ଶପଥ୍ ପାଠ୍ କରେଇଥିଲେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ସଭାସ୍ଥଲ୍ ନ ହେଇଥିବା ପରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିକରି ଶ୍ରୀ ମୋଦୀ କହିଛନ୍, ଗଣତନ୍ତ୍ର ଦିବସ୍ ବାଗିର୍ ଇ ବଛର୍ ଏକତା ଦିବସ୍‌ଥି ଆୟୋଜିତ୍ ହେଇଥିବା ରାଷ୍ଟ୍ରୀୟ ଏକତା ପରେଡ୍ ବହୁତ୍ ଖାସ୍ ହେଇଛେ । 'ବିବିଧତା ଭିତ୍‌ରେ

ଏକତା’ ଇ ବଛର୍ ରାଷ୍ଟ୍ରୀୟ ଏକତା ଦିବସ୍‌ର ବାର୍ତା ରହିଛେ ।

ଗଣଦୌଡ଼-ସିଏମ୍        ଭୁବନେଶ୍ୱର୍ ସମ୍ବାଦଦାତା

ଭିନ୍ନତା ଭିତ୍‌ରେ ଏକତା ଭାରତ୍‌ର ଆତ୍ମା ଆଉ ଶକ୍ତି ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜୟନ୍ତୀ ଆଉ ରାଷ୍ଟ୍ରୀୟ ଏକତା ଦିବସ୍ ଅବ୍‌ସରେ ହେଇଥିବା ଏକତା ଦୌଡ଼୍‌କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଏକତା, ଭାଇଚାରା ଆଉ ଦେଶ୍‌ପ୍ରେମ୍ ବିକଶିତ୍ ଭାରତ୍‌ର ଶକ୍ତି, ଯେନ୍‌ଟା ଭାରତୀୟମାନ୍‌କୁ ଏକ୍‌ଜୁଟ୍ କରି ରଖିବାର୍ ସହେତେ ଦେଶ୍‌କେ ଶକ୍ତିଶାଳି କରୁଛେ । ସର୍ଦ୍ଦାର୍ ପଟେଲ୍‌ଙ୍କର୍ ଦୃଢ଼ ସଂକଳ୍ପ ଆଉ ଦୃଷ୍ଟିକୋଣ ଲାଗି ଆଏଜ୍ ଅଖଣ୍ଡ ଭାରତ୍‌ର ସପନ୍ ସମ୍ଭବ୍ ହେଇପାରିଛେ ବଲି ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍, ଏକ୍‌ଜୁଟ୍ ରହେବାର୍ ହେଉଛେ ଭାରତୀୟ ସାମୂହିକ୍ ଇଚ୍ଛା ଶକ୍ତି ଆଉ ଇଟା ଏକତା ଦୌଡ଼ ସୁର୍‌ତା କରାସି ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଆଝିରର୍ ଗଣଦୌଡ଼

କଳିଙ୍ଗ ଷ୍ଟାଡ଼ିୟମ୍ ନୁ ମୁଲ୍ ହେଇକରି ପାୱାର୍ ହାଉସ୍ ଛକ୍ ତକ୍ ଯାଇଥିଲା । ଇଥି ବହୁତ୍ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ, ଖେଳାଳି ଆଉ ନାଗରିକ୍‌ମାନେ ଭାଗ୍ ନେଇଥିଲେ ।

ଏକତା ଦୌଡ଼- ଜିଲ୍ଲା ସମ୍ବଲ୍‌ପୁର/ବୌଦ୍ଧ/ନୂଆପଡ଼ା/ସୁବର୍ଣ୍ଣପୁର/ଦେବ୍‌ଗଡ଼୍/ବର୍ ଗଡ଼୍

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜନ୍ମ ବାର୍ଷିକୀକେ ଖାସ୍ ହିସାବେ ପାଳନ୍ କର୍‌ବାର୍ ଲାଗି ଆଏଜ୍ ସାରା ଦେଶେ ଏକତା ଲାଗି ଗଣଦୌଡ଼ ଅଭିଯାନ୍ କରାଯାଇଥିଲା । ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍‌ର ଭାବ୍‌ନାକେ ବର୍‌କସ୍ କର୍‌ବାର୍ ଲାଗି ଇ ଅଭିଯାନ୍ ଆୟୋଜନ୍ କରାଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଇ ଅଭିଯାନ୍ ହେଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ନ ସବୁ ବଛର୍ ବାଗିର୍ ଇ ବଛର୍ ଲୌହମାନବ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜୟନ୍ତୀ ଆଉ ରାଷ୍ଟ୍ରୀୟ ଏକତା ଦିବସ୍ ଧୁମ୍‌ଧାମ୍‌ଥି ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ଆଏଜ୍ ସମ୍ବଲ୍‌ପୁର୍ ନ

ଜିଲ୍ଲାସ୍ତରୀୟ ଏକତା ଗଣଦୌଡ଼ ସହେତେ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ସମୂହ ଶପଥ୍ ପାଠ୍ ହେଇଯାଇଛେ ।

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଜେପିର ରାଜ୍ୟସଭାପତି ମନ୍‌ମୋହନ୍ ସାମଲ୍, ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ୍ ମାଳବିକା ଦେବୀ ପ୍ରମୁଖ୍ ଯୋଗ୍ ଦେଇଥିଲେ । ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ରୟଲ୍ ପଡ଼ିଆ ଠାନେ ମହାରାଜା ବୀରମିତ୍ରଦେଓ ଛକ୍ ତକ୍ ଏକତା ଲାଗି ଗଣଦୌଡ଼ ହେଇଯାଇଛେ । ଦେଶର୍ ଏକତା ସଂହତି ଆଉ ସମୃଦ୍ଧି ସହେତେ ସୁରକ୍ଷା ଲାଗି ରାଷ୍ଟ୍ରୀୟ ଏକତା ଖାସ୍ ଶପଥ୍ ପାଠ୍ କରାଯାଇଛେ ।

ଦେବ୍‌ଗଡ୍ ଜିଲ୍ଲା ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଲୌହମାନବ ସର୍ଦ୍ଦାର୍ ପଟେଲ୍‌ଙ୍କର୍ ଜୀବନ୍ ଆଦର୍ଶ ଉପ୍‌ରେ ବକ୍ତବ୍ୟ ଦେଇଥିଲେ ।

ବର୍‌ଗଡ୍ ଜିଲ୍ଲା ନ ଇ ଅବ୍‌ସରେ ଗୁଟେ ମିନିମାରାଥନ୍ ଆୟୋଜନ୍ କରାଯାଇଥିଲା । ଇତାକେ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଲେଙ୍ଗୁମିଶ୍ର ମିନି ଷ୍ଟାଡ଼ିୟମ୍‌ନୁ ଶୁଭାରମ୍ଭ କରିଥିଲେ । ବୌଦ୍ଧ ଜିଲ୍ଲା ନ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜୟନ୍ତୀ ଅବ୍‌ସରେ ଏକତା ଗଣଦୌଡ଼ ହେଇଯାଇଛେ ।

ଅଶ୍ୱିନୀ ବୈଷ୍ଣବ୍- ଓଡ଼ିଶା ପିଆଇବି

ରେଲ୍, ସୂଚନା ଆଉ ପ୍ରସାରଣ୍ ଆଉ ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏବା କାଏଲ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍ସରେ ଶ୍ରୀ ବୈଷ୍ଣବ୍ ଭୁବ୍ନେଶ୍ୱର୍ ଇନ୍ଫୋଭେଲି ନ ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍ - ସିକ୍ସେମ୍ ର ଭୂମିପୂଜନ୍ ସମାରୋହଥି ଯୋଗ୍ଦେବେ । ଇତାର୍ସହେତେ ଭୂବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ରେଲ୍ମନ୍ତ୍ରଣାଲୟ ଆଉ ଓଡ଼ିଶା ସର୍କାର୍ଙ୍କର୍ ଭିତ୍ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବା । ସାରା ରାଏଜେ ରେଲ୍ ଭିତିଭୂମିକେ ବର୍କସ୍ କର୍ବାର୍ ଆଉ ସଂଯୋଗୀକରଣ୍କେ ଉନ୍ନତ୍ କର୍ବାର୍ଟା ଇ ବୁଝାମଣାପତ୍ରର୍ ଲକ୍ଷ୍ୟ ଆଏ । ଇତାର୍ ଉତ୍ରୁ ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଅମୃତ୍ ଭାରତ୍ ଷ୍ଟେସନ୍ ଅଧୀନ୍ଥି ଚାଲିଥିବା ପୁନଃବିକାଶ୍ ଆଉ ଆଧୁନିକୀକରଣ୍ କାମ୍ର ସମୀକ୍ଷା କର୍ବାର୍ ଲାଗି ଭୁବ୍ନେଶ୍ୱର୍ ରେଲ୍ଷ୍ଟେସନ୍ ବୁଲି ଦେଖିବେ ।

କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ୍ ପିଆଇବି

୨୦୨୫ ବଛର୍ ଲାଗି ଭିନ୍ ଭିନ୍ ରାଜ୍ୟ, କେନ୍ଦ୍ରଶାସିତ ଅଂଚଲ୍, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ଆଉ କେନ୍ଦ୍ରୀୟ ପୁଲିସ୍ ସଂଗଠନ୍ର ୧ ହଜାର୍ ୪ ଶହ ୬୬ ଝନ୍ କର୍ମଚାରୀ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ୍ ପାଏବାର୍ ଲାଗି ମନୋନିତ୍ ହେଇଛନ୍ ।

ଭଲ୍ କାମ୍‌କେ ସ୍ୱୀକୃତୀ ଦେବାର୍, ବଡ଼ ବୃତିଗତ ମାନକକେ ତହଁକାବାର୍, ଖାସ୍ ଅପରେସନ୍, ଅନୁସନ୍ଧାନ୍, ଗୁଇନ୍ଦା ଆଉ ଫରେନ୍‌ସିକ୍ ସାଇନ୍ସ କ୍ଷେତ୍ରଥି ଭଲ୍ କାମ୍ କରିଥିବା କର୍ମଚାରୀମାନ୍‌କୁ ଇ ପଦକ୍ ଦିଆଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଆଉ କେନ୍ଦ୍ର ଗୃହ, ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କର୍ ମାର୍ଗଦର୍ଶନ୍‌ଥି ମୁଲ୍ ହେଇଥିବା ଇ ପଦକ୍ ସବୁ ପୁଲିସ୍ କର୍ମଚାରୀଙ୍କର୍ ମନୋବଳ ବଢ଼ାବା ।

ଇନ ଜନେଇ ଦିଆଯାଇପାରେ ଯେ, ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଜୟନ୍ତୀ ଅବ୍‌ସରେ ଅକ୍ଟୋବର୍ ୩୧ ତାରିଖ୍‌ନୁ ଇ ପଦକ୍ ଘୋଷ୍‌ନା କରାଯାଏସି । ଭାରତ୍ ସର୍‌କାର୍‌ଙ୍କର୍ ଗୃହ ମନ୍ତ୍ରଣାଳୟ ତର୍‌ଫୁ ୧ ଫେବୃଆରୀ ୨୦୨୪ ମସିହାଥି କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ୍ ମୁଲ୍ କର୍‌ବାର୍ ଲାଗି ଗୁଟେ ବିଜ୍ଞପ୍ତି ବାହାରିଥିଲା ।

ଜାତୀୟ ହସ୍ତତନ୍ତ ଆଉ ହସ୍ତଶିଳ୍ପ ସମ୍ମିଳନୀ I&PR

କେନ୍ଦ୍ର ସର୍‌କାର୍‌ଙ୍କର୍ ବୟନ ମନ୍ତ୍ରଣାଳୟ ତର୍‌ଫୁ ଭୁବ୍‌ନେଶ୍ୱର୍ ନ ଆଏଜ୍ ୨ ଦିନିଆ ଜାତୀୟ ହସ୍ତତନ୍ତ ଆଉ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ସମ୍ମିଳନୀକେ ଉଦ୍‌ଘାଟନ୍ କରିଛନ୍ ।

ସମ୍ମିଳନୀଥି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ର ଅଧିକାରୀମାନେ ଭାଗ୍ ନେଇକରି ବୁନ୍କାର୍ ଆଉ କାରିଗର୍ମାନ୍କର୍ ସାମାଜିକ୍ ଆଉ ଆର୍ଥିକ୍ ଉନ୍ନତି ବାବ୍ଦେ ବିଚାର୍ ବିମର୍ଶ କର୍ବାର୍ ସହେତେ ନୂଆଁ ଯୋଜ୍ନା ମାନ୍ ଆନ୍ବାର୍ ଲାଗି ଆଲୋଚନା ହେଇଛେ ।

ଅଏଁଲା ନଅମୀ ପୁରୀ ସମ୍ବାଦଦାତା

ପୁରୀ ଜିଲ୍ଲା ସାକ୍ଷୀଗୋପାଲ୍ର ଗୋପାଲ୍ ଜୀଉ ମନ୍ଦିର୍ ନ ଆଏଜ୍ କାର୍ତିକ୍ ମାସର୍ ଉଜଲ୍ ପଖର୍ ନଅମୀ ତିଥି ନ ଅଏଁଲା ନଅମୀ ଅବ୍ସରେ ଶ୍ରଦ୍ଧାଳୁମାନେ ଶ୍ରୀ ରାଧାପାଦ ଦର୍ଶନ୍ କରୁଛନ୍ । ଆଏଜ୍ ସାକ୍ଷୀଗୋପୀନାଥଙ୍କୁ ଖାସ୍ ନଟବର ବେଶ କରାଯାଇଛେ । ପହପହ ୫ ବଜେନୁ ଦର୍ଶନ୍ ମୁଲ୍ ହେଇଛେ । ପରମ୍ପରା ଅନ୍ସାରେ ଆଝିର୍ ଦିନେ ଶ୍ରୀରାଧା ଓଡ଼ିଆଣୀ ବେଶଥି ସଜେଇ ହେଇଥିବାର୍ନୁ ରାଧାଙ୍କର୍ ପାଦ ଦର୍ଶନ୍ କଲେ ବହୁତ୍ ସୌଭାଗ୍ୟ ମିଲ୍ସି ବଲି ମାନ୍ୟତା ଅଛେ ।

ନୂଆପଡ଼ା ଉପ ନିର୍ବାଚନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଆଏବା ମାସ ୧୧ ତାରିଖ୍ ଦିନ ହେବା । ଭାରତୀୟ ନିର୍ବାଚନ୍ କମିଶନ୍‌ଙ୍କର୍ ନିର୍ଦ୍ଦେଶ୍‌ନାମା ଅନ୍‌ସାରେ ଗଲା ବୁଧବାର୍ ଦିନୁ ଆଏବା କାଏଲ୍‌ତକ୍ ଘରେ ରହିକରି ଭୋଟ୍ ଦେବାର୍ ଲାଗି ଆବେଦନ୍ କରିଥିବା ଭୋଟର୍ ମାନ୍‌କର୍‌ନୁ ଭୋଟ୍ ଗ୍ରହଣ୍ କରାଯାଉଛେ । ଇ ପ୍ରକ୍ରିୟାଥି ମୋଟ୍ ୧୪ ଟା ଦଲ୍ ସାମିଲ୍ ଅଛନ୍ । ଉପ ନିର୍ବାଚନ୍‌ଥି ଘରେ ରହିକରି ଭୋଟ୍ ଦେବାର୍‌କେ ୨ ଶହ ୫୧ ଝନ୍ ଭୋଟର୍ ଆବେଦନ୍ କରିଛନ୍ ।

ଅବସର ଗ୍ରହଣ୍ ଆର୍‌ଏନ୍‌ୟୁ/ ସ ମ୍ବଲପୁର

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ରର ସହାୟକ ନିର୍ଦ୍ଦେଶକ ସୁବୋଧ୍ କୁମାର୍ ପାଲ୍ ଆଏଜ୍ ଚାକିରୀନୁ ଅବସର ନେଇଛନ୍ । ୧୯୯୧ ମସିହା ସେପ୍ଟେମ୍ବର୍ ୧୬ ତାରିଖ୍ ରେଡ଼ିଓ କାଶ୍ମୀର୍‌ନୁ ଚାକିରୀ ମୁଲ୍ କରିକରି ଆକାଶ୍‌ବାଣୀର୍ ୭ ଟା କେନ୍ଦ୍ର ନ ସେ କାମ୍ କରିଥିଲେ । ଇ ଅବ୍‌ସରେ ଆକାଶ୍‌ବାଣୀ ରିକ୍ରିଏସନ୍ କ୍ଲବ୍ ତର୍‌ଫୁ ହେଇଥିବା ବିଦାୟ କାଲୀନ୍ ସଭାଥି କେନ୍ଦ୍ରର୍ ଅଭିଯାନ୍ତ୍ରିକ ନିର୍ଦ୍ଦେଶକ ସନ୍ତୋଷ୍ କୁମାର୍ ପ୍ରଧାନ୍ ସଭାପତିତ୍ୱ କରିଥିବାର୍ ବେଲେ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟୀ ଉପସ୍ଥିତ୍ ଥିଲେ । କ୍ଲବ୍‌ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ସଭାକାର୍ଯ୍ୟ ପରିଚାଳନା

କରିଥିଲେ । କେନ୍ଦ୍ରର୍ ଅଧିକାରୀ ଆଉ କର୍ମଚାରୀମାନେ ବିଦାୟ ନେଇଥିବା କର୍ମଚାରୀମାନ୍‌କର୍ ଦୀର୍ଘଜୀବନ୍ କାମ୍‌ନା କରିଥିଲେ ।

ଅଗ୍ନି ସୁରକ୍ଷା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ଯାତ୍ରୀବାହୀ ବସ୍‌ଥି ଅଗ୍ନିସୁରକ୍ଷା ବ୍ୟବସ୍ଥା ବାଧ୍ୟତାମୂଲକ୍ କର୍‌ବାର୍ ଲାଗି ଅଗ୍ନିଶମ ଆଉ ଜରୁରୀକାଲୀନ୍ ସେବା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ବସ୍ ମାନ୍‌କୁ ଫାୟାର୍ ଡିଟେକ୍ସନ୍ ଆଉ ସପ୍ରେସନ୍ ସିଷ୍ଟମ୍ ରଖିବାର୍‌କେ ବାଧ୍ୟତାମୂଲକ୍ କରାଯାଇଛେ । ଆପାତ୍‌କାଲୀନ୍ ଯିବାର୍ ବାଟ୍ ଆଉ କାଚ୍ ଭାଙ୍ଗ୍‌ବାର୍‌କେ ମାର୍‌ତୁଲ୍ ରଖିବାର୍‌କେ ବିଭାଗ୍ ତର୍‌ଫୁ ଜାରି ହେଇଥିବା ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ଦୁର୍ନୀତି ନିବାରଣ୍ ସଚେତନତା ଶୋଭାଯାତ୍ରା ବୌଦ୍ଧ/ସମ୍ବଲପୁର

ଦୁର୍ନୀତି ନିବାରଣ୍ ସଚେତନତା ଶୋଭାଯାତ୍ରା ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟନୁ ବାହାରିକରି ସହର୍ ବୁଲିଥିଲା । ଦୁର୍ନୀତି ନିବାରଣ୍ କାର୍ଯ୍ୟାଲୟ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍

ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶୋଭାଯାତ୍ରାକେ ଶୁଭାରମ୍ଭ କରିଛନ୍ ।

ଏକତା ପଦଯାତ୍ରା ପ୍ରସ୍ତୁତି ବୈଠକ୍ ବର୍‌ଗଡ଼୍ ସମ୍ବାଦଦାତା

ଲୌହ ମାନବ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ତମ ଜନମ୍‌ବାର୍ଷିକୀ ପାଲନ୍ ଅବ୍‌ସରେ ବର୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଏକତା ପଦଯାତ୍ରା ଲାଗି ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ବର୍‌ଗଡ଼୍ ଜିଲ୍ଲାର୍ ୨ ଟା ଉପଖଣ୍ଡ ସ୍ତର୍ ନ ଏକତା ପଦଯାତ୍ରା କରାଯିବା ।